# 7th India – Indonesia Foreign Office Consultations

April 14, 2022

## ଭାରତ-ଇଣ୍ଡୋନେସିଆ ମଧ୍ୟରେ ସପ୍ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଏପ୍ରିଲ 14, 2022**

ଭାରତ-ଇଣ୍ଡୋନେସିଆ ମଧ୍ୟରେ ସପ୍ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 14 ଏପ୍ରିଲ 2022 ରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଶ୍ରୀ ସୌରଭ କୁମାର ଏବଂ ଇଣ୍ଡୋନେସିଆର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ଏସିଆ ପ୍ରଶାନ୍ତ ମହାସାଗରୀୟ ତଥା ଆଫ୍ରିକା ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ଅବଦୁଲ କାଦିର ଜୈଲାନି ସହ-ଅଧ୍ୟକ୍ଷତା କରିଥିଲେ। ଗତ ଏଫଓସି 25 ଜୁନ 2021 ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ ହୋଇଥିଲା।

2. ଉଭୟ ପକ୍ଷ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସାମୁଦ୍ରିକ ସହଯୋଗ ବୃଦ୍ଧି କରିବାର ଆବଶ୍ୟକତା ଏବଂ ଭାରତ-ଇଣ୍ଡୋନେସିଆର ବ୍ୟାପକ ରଣନୀତିକ ଭାଗିଦାରୀକୁ ସୁଦୃଢ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ଜୋର ଦେଇଥିଲେ। ସେମାନେ ସେମାନଙ୍କର ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଥିଲେ ଯେଉଁଥିରେ ରାଜନୈତିକ ଆଦାନ ପ୍ରଦାନ, ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ, ବାଣିଜ୍ୟ ଓ ଅର୍ଥନୈତିକ ପ୍ରସଙ୍ଗ ଏବଂ କନସୁଲାର ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା। ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଆସେ ପ୍ରଦେଶ ମଧ୍ୟରେ ସଂଯୋଗୀକରଣକୁ ସୁଦୃଢ କରିବା ସହିତ ଲୋକମାନଙ୍କ ମଧ୍ୟରେ ଆଦାନ ପ୍ରଦାନ ଏବଂ ସାଂସ୍କୃତିକ ସହଯୋଗକୁ ବୃଦ୍ଧି କରିବାକୁ ଦୁଇ ପକ୍ଷ ସହମତ ହୋଇଥିଲେ। ସାମ୍ପ୍ରତିକ ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ, ଏବଂ ଜି20, ଆସିଆନ ଫ୍ରେମୱାର୍କ, ଭାରତ-ପ୍ରଶାନ୍ତ ମହାସାଗର ପ୍ରୟାସ (ଆଇପିଓଆଇ) ଏବଂ ଭାରତ-ପ୍ରଶାନ୍ତ ମହାସାଗରକୁ ନେଇ ଆସିଆନର ଦୃଷ୍ଟିକୋଣ (ଏଓଆଇପି) ଉପରେ ସେମାନେ ମତ ବିନିମୟ କରିଥିଲେ। ସଚିବ (ପୂର୍ବ) ଇଣ୍ଡୋନେସିଆକୁ ଆନ୍ତର୍ଜାତିକ ସୌର ମେଣ୍ଟ (ଆଇଏସଏ) ଏବଂ ବିପର୍ଯ୍ୟୟ ମୁକାବିଲା ପାଇଁ ଭିତ୍ତିଭୂମି ମେଣ୍ଟ (ସିଡିଆରଆଇ) ରେ ଯୋଗଦେବାକୁ ଆମନ୍ତ୍ରଣ କରିଥିଲେ।

3. ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନ୍ତରିକ ବାତାବରଣ ମଧ୍ୟରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ପାରସ୍ପରିକ ସୁବିଧାଜନକ ସମୟରେ ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷ ଭାରତରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଏପ୍ରିଲ 14, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.